To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ

THE SAKALA

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

ଆଗାମୀ ନିର୍ବାଚନ ହେବ ମୋଦି ବନାମ ଭାରତ : ସୀତାରାମ ୟେଚୁରୀ

R.N.I. No.-42041/83 Vol-16, Issue No.74, ଭଦ୍ରକ, ରବିବାର, ୯, ସେପ୍ଟେମ୍ବର ୨୦୧୮ ■ Bhadrak, Sunday, 9 September 2018 Rs. 2.00 Pages-8

ଦାନା ବାନ୍ଧୁଛି ଅସନ୍ତୋଷ

ମାଲକାନଗିରିରେ ୮୩ ଛୁଇଁଲା ଦିଲ୍ଲୀରେ ୮୦ ପାର୍

ଡିଜେଲ ଓ ପେଟ୍ରୋଲ ଦରବୃଦ୍ଧି ପ୍ରତିବାଦରେ
ବିକ୍ଷୋଭ
ବିଦ୍ୟୁତଲତା ନାୟକ

ଭୁବନେଶ୍ୱର, ୮।୯ (ସକାଳ ଖବର): ପେଟ୍ରୋଲ ଓ ଡିଜେଲ ଦରବୃଦ୍ଧିକୁ ନେଇ ସାଧାରଣରେ ଅସନ୍ତୋଷ ତୀବ୍ର ହେଉଛି । ଦାନା ବାନ୍ଧୁଛି ଅସନ୍ତୋଷ । ପ୍ରତ୍ୟେକ ଦିନ ଯେଉଁଳି ଏହି ଦରବୃଦ୍ଧି ହେଉଛି ଲାଗୁଛି ଲିଟର ୧୦୦ ଟଙ୍କା ଛୁଇଁବାକୁ ଆଉ ବେଶୀଦିନ ଲାଗିବନି । ଏହାକୁ ନେଇ ସମଗ୍ର ଦେଶରେ ଏକ ଅସନ୍ତୋଷର ମାହୋଲ ଦେଖାଦେଇଛି । ରାଜଧାନୀ ଦିଲ୍ଲୀରେ ପେଟ୍ରୋଲ ୮୦ ଟଙ୍କା ପାର୍ କରିଥିବା ବେଳେ ସବୁ ରେକର୍ଡକୁ ଟପିଯାଇଛି ମାଲକାନାଗିରି ।ଏଠାରେ ପେଟ୍ରୋଲ ଲିଟର ପିଛା ପହଞ୍ଚିଲାଣି ୮୩ଟଙ୍କାରେ ।

୧୦ରେ କଂଗ୍ରେସର ଭାରତବନ୍ଦ

ଏହା ବିରୋଧରେ ବଡ଼ ଧରଣର ଆନ୍ଦୋଳନ ବି ଦାନା ବାନ୍ଧିବାକୁ ଯାଉଛି । ସେପଟେ, ବେଲଗାମ ପେଟ୍ରୋଲ ଦରକୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଥିବା ବେଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୁଣି ଅନ୍ତର୍ଜାତୀୟ ବଜାର ଉପରେ ଦୋଷ ଲଦିଛନ୍ତି । ଅନ୍ୟପଟେ, ପେଟ୍ରୋଲ ଦରକୁ ନେଇ ଲାଗିଛି ରାଜନୀତିରେ ନିଆଁ । ତେଲ ଦର ବୃଦ୍ଧି ପ୍ରତିବାଦରେ ରାଜ୍ୟର ସବୁ ପେଟ୍ରୋଲ ପମ୍ପ ଆଗରେ ତିନି ଦିନିଆ ଜନ ସଚେତନା କାର୍ଯ୍ୟକ୍ରମ ଆରମ୍ଭ କରିଛି ବିଜେଡି । ଶନିବାର ରାଜ୍ୟର ଭଦ୍ରକ, ପଟ୍ଟାମୁଣ୍ଡାଇ, କେନ୍ଦୁଝର, ବ୍ରହ୍ମପୁର, ଗଞ୍ଜାବ, ବାଲେଶ୍ୱର, ପୁରୀ, ସମ୍ବଲପୁର, ସୁନ୍ଦରଗଡ, ରାଉରକେଲା ପ୍ରଭୃତି ସ୍ଥାନରେ ବିଜେଡି କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଛି । ସେହିପରି ଦରବୃଦ୍ଧି ପ୍ରତିବାଦରେ ଆସନ୍ତା ୧୦ ତାରିଖ ଅର୍ଥାତ ସୋମବାର ଦିନ ଭାରତ ବନ୍ଦ ଡାକରା ଦେଇଛି କଂଗ୍ରେସ । ଭାରତ ବନ୍ଦ ଡାକରାକୁ ଦୃଷ୍ଟିରେ ରଖି ଆଗୁଆ ପଦକ୍ଷେପ **(ପୃଷ୍ଠା-୭)**

ଖବର ସଂକ୍ଷିପ୍ତରେ

ସୋମବାର ସବୁ ସ୍କୁଲ ବନ୍ଦ

ଭୁବନେଶ୍ୱର,୮।୯ (ସକାଳ ଖବର): ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧିର ପ୍ରତିବାଦ ପାଇଁ ଆସନ୍ତା ୧୦ ତାରିଖ ଦିନ କଂଗ୍ରେସ ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇଥିବାରୁ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ଗୁଡ଼ିକ ଛୁଟି ରହିବ ବୋଲି ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ପ୍ରଦୀପ କୁମାର ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଯୋଗ୍ୟ ଯେ, ପୂର୍ବରୁ ମୁଖ୍ୟମନ୍ତ୍ରୀ ଏହି ବନ୍ଦକୁ ଦୃଷ୍ଟିରେ ରଖି ସମସ୍ତ ସରକାରୀ କର୍ମଚାରୀଙ୍କୁ ପୂର୍ବାହ୍ନ ୯ଟା ୩୦ ପୂର୍ବରୁ କାର୍ଯ୍ୟାଳୟରେ ପହଂଚିବାକୁ **(ପୃଷ୍ଠା-୭)**

ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦରକୁ ବିରୋଧ

ଭୁବନେଶ୍ୱର, ୮।୯ (ସକାଳ ଖବର): ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦରକୁ ଜଳେଶ୍ୱର ସ୍ଥିତ ଭିଟାମାଟି ସୁରକ୍ଷା କମିଟି ପକ୍ଷରୁ ବିରୋଧ କରାଯାଇଛି। କମିଟି ପକ୍ଷରୁ କୁହାଯାଇଛି ଯେ ପ୍ରଶାସନ ପକ୍ଷରୁ ବନ୍ଦ କରିବାପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ଚାଲିଛି। ଏହାଦ୍ୱାରା ସେମାନଙ୍କର ଧାନ ଚାଷ, କାଜୁ, ଚିନାବାଦାମ ଓ ପାନ ଚାଷ ଇତ୍ୟାଦି ପ୍ରଭାବିତ ହେବ ଏବଂ ସେମାନେ ସେମାନଙ୍କ ଜୀବିକା ହରାଇବେ। ଅନ୍ୟପକ୍ଷରେ ବନ୍ଦର କର୍ତ୍ତୃପକ୍ଷ ନିର୍ମାଣ କରିଥିବା ବାଲି ବନ୍ଧକୁ ମଧ୍ୟ ଭାଙ୍ଗି ଦିଆଯାଇଛି।

ବୁଧବାର ଯାଏଁ ଜାରୀ ରହିବ ଆଇନ୍‌ଜୀବୀଙ୍କ ଆନ୍ଦୋଳନ

ଭୁବନେଶ୍ୱର, ୮।୯ (ସକାଳ ଖବର): ନିକଟରେ ପୋଲିସ ଓକିଲକୁ ମାଡ଼ ମାରିଥିବା ଘଟଣାକୁ ନେଇ ଓକିଲ ମାନଙ୍କ ପକ୍ଷରୁ ଚାଲିଥିବା ଆନ୍ଦୋଳନକୁ ଜୋରଦାର କରିବା ପାଇଁ ଆଜି ହାଇକୋର୍ଟ ବାରରେ ଓକିଲ ସଂଘର ବୈଠକ ବସିଥିଲା । ଏହି ବୈଠକରେ ଆସନ୍ତା ବୁଧବାର ପର୍ଯ୍ୟନ୍ତ ବିଭିନ୍ନ କୋର୍ଟ ମାନଙ୍କରେ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ନିଷ୍ପତି **(ପୃଷ୍ଠା-୭)**

କହଁର କେଳେଙ୍କାରୀ

ପୂର୍ବତନ ବିଧାୟକଙ୍କୁ ଧରିବ ସ୍ପେଶାଲ ସ୍କ୍ୱାର୍ଡ

ଦେବେନ୍ଦ୍ରଙ୍କ ସମେତ ଆଉ ୨ ଅଭିଯୁକ୍ତଙ୍କୁ ଖୁବ ଶୀଘ୍ର ଗିରଫ କରାଯିବ- ଏସପି

କନ୍ଧମାଳ, ୮ ସେପ୍ଟେମ୍ବର (ହି.ସ.)- ମହିଳାଙ୍କୁ ଅସଦାଚରଣ ଏବଂ ମାଡ ମାରିବା ମାମଲାରେ ପୂର୍ବତନ ଫୁଲବାଣୀ ବିଧାୟକ ଦେବେନ୍ଦ୍ର କହଁରଙ୍କ ସମେତ ଅନ୍ୟ ଦୁଇ ଜଣ ଅଭିଯୁକ୍ତଙ୍କୁ ଖୁବ ଶିଘ୍ର ଗିରଫ କରାଯିବ ବୋଲି କନ୍ଧମାଳ ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂ ଆଜି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନିରେ ସୂଚନା ଦେଇଛନ୍ତି ।

ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟର ସମ୍ମିଳନି କକ୍ଷରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନିରେ ଏସ୍.ପି କହିଛନ୍ତି ଯେ, ଗତ ରବିବାର **(ପୃଷ୍ଠା-୭)**

ମହାପ୍ରୟାଣ ଗାଡ଼ି ପାଇଁ ଟଙ୍କା ଦାବି

ଟ୍ରଲିରେ ବୁହାହେଲା ଶବ

କେନ୍ଦ୍ରାପଡ଼ା, ୮।୯ (ସକାଳ ଖବର): ରାଜ୍ୟ ସରକାର ଶବ ବୋହିବା ପାଇଁ ମହାପ୍ରୟାଣ ଯାନ ବ୍ୟବସ୍ଥା କରିଥିବାବେଳେ ବହୁ ସମୟରେ ଏହା ସାଧାରଣ ଲୋକଙ୍କ କାମରେ ଲାଗୁନାହିଁ। ଗାଡ଼ିଚାଳକମାନେ ଟଙ୍କା ଦାବି କରୁଥିବାରୁ ଗରିବ ଶ୍ରେଣୀର ଲୋକମାନେ ଏଥିରୁ ବଂଚିତ ହେଉଛନ୍ତି। କେନ୍ଦ୍ରାପଡ଼ା ସହରସ୍ଥ ସାନ୍ତସାହି ଗ୍ରାମର ଜନୈକ ବୃଦ୍ଧାଙ୍କ ମୃତ୍ୟୁପରେ ଶୋକାକୁଳ ପରିବେଶରେ ଏକ ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଛି। ଏପରିକି ପୁଅ କାନ୍ଦିକାନ୍ଦି ମାଆର ଶବକୁ ଟଲିରେ ବୋହି ଘରକୁ ନେବା ଘଟଣାକୁ ଦେଖି ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଘଟଣାରୁ ପ୍ରକାଶ ଯେ, ଟାଉନ ଥାନା ଅନ୍ତର୍ଗତ ସାନ୍ତସାହି ଗ୍ରାମର ଅଲେଖ ଚନ୍ଦ୍ର ସାହୁଙ୍କ ସ୍ତ୍ରୀ କୁନି ସାହୁ(୬୫) ଗୁରୁତର ଅବସ୍ଥାରେ ତାଙ୍କୁ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ମାତ୍ର ଚିକିତ୍ସାଧିନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ କୁନିଙ୍କ ଶବକୁ ଘରକୁ ନେବା ପାଇଁ ତାଙ୍କ ପୁଅ ରବିନ୍ଦ୍ର ସାହୁ ସରକାରଙ୍କ ପ୍ରଦତ ମହାପ୍ରୟାଣ ଗାଡ଼ିରେ ନେବାପାଇଁ **(ପୃଷ୍ଠା-୭)**

ବିମାନ ଦୁର୍ଘଟଣାଗ୍ରସ୍ତ, ୭ ମୃତ

କାଠମାଣ୍ଡୁ, ୮।୯ :ନେପାଳର ପାହାଡି ଅଂଚଳରେ ୭ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଚପର ଦୁର୍ଘଟଣାଗ୍ରସ୍ତ ହୋଇଥିବାର ସୂଚନା ମିଳିଛି । ଏହି ଏୟାରବସ୍ ୟୁରାଇଲ ନିର୍ମିତ ହେଲିକାପ୍ଟର ନେପାଳର ଅଲ୍ଟିଟ୍ୟୁଡ୍ ଏୟାର ସହ ସମ୍ବନ୍ଧିତ ଥିଲା ଏବଂ ପାହାଡରେ ଫଶି ରହିଥିବା ଲୋକମାନଙ୍କୁ ଉଦ୍ଧାର କରିବାରେ ଏହାର ବ୍ୟବହାର କରାଯାଉଥିଲା । ପାଇଲଟ ସହ ଏହି ବିମାନରେ ସମୁଦାୟ ୭ଜଣ ଯାତ୍ରୀ ସବାର ଥିଲେ । ତ୍ରିଭୁବନ ଅନ୍ତରଷ୍ଟ୍ରୀୟ ଏୟାରପୋର୍ଟର କହିବା ମୁତାବକ, ସେନା ଏବଂ ପୁଲିସ ପର୍ବତ ଉପରେ ଯାଉଥିବା ସମୟରେ ସୁରକ୍ଷା ଦେଉଥିବା ବିମାନ ସେହି ଅଞ୍ଚଳର ନିରୀକ୍ଷଣ କରୁଥିଲା । ଏହି ଦୁର୍ଘଟଣା କାଠମାଣ୍ଡୁର ଉତ୍ତର ପଶ୍ଚିମରେ ୮୦କିମି ଦୂରରେ ହୋଇଥିବାର ସୁଚନା ମିଳିଛି । ବିମାନରେ ସବାର ଥିବା ସମସ୍ତ ଯାତ୍ରୀଙ୍କର ମୃତ୍ୟୁ **(ପୃଷ୍ଠା-୭)**

ବୈତରଣୀ ଦେଉଛି ବଡ଼ଦୁଃଖ

- ଆନିକଟ ନିକଟରେ ଜଳସ୍ତର ସାମନ୍ୟ ହ୍ରାସ
- ଜନବସତିକୁ ପଶିଲା ବନ୍ୟାଜଳ
- ବହୁ ଗ୍ରାମ ଜଳମଗ୍ନ, ଗମନାଗମନ ବାଧାପ୍ରାପ୍ତ

ଭଦ୍ରକ, ୮।୯ (ସକାଳ ଖବର): ବୈତରଣୀ ନଦୀର ଉପରମୁଣ୍ଡରେ ଅର୍ଥାତ ଆଖୁପଦା ଆନିକଟ ନିକଟରେ ଜଳସ୍ତର ସାମନ୍ୟ କମି ଥିଲେ ମଧ ତଳ ମୁଣ୍ଡରେ ଅର୍ଥାତ ଚାନ୍ଦବାଲି ବ୍ଲକର ଆରଡି, ନାନ୍ଦପୁର, ଓଳଗ ଓ ସୁନ୍ଦରପୁର ପଞ୍ଚାୟତ ଦେଇ ପ୍ରବାହିତ ହଉଥିବା ବୈତରଣୀ ଉଗ୍ରରୂପ ନେବା ସହ କୂଳ ଲଂଘି ଜନବସତି ଆଡକୁ ବନ୍ୟାଜଳ ଦୃତଗତିରେ ମାଡିବାରେ ଲାଗିଛି। ଫଳରେ ଓଳଗ ପଂଚାୟତର ବୋଡକ ଗାଁ ସହ ଆରଡି ପଂଚାୟତର ଶୀତଳପୁର ଗାଁ ସମ୍ପୁର୍ଣ୍ଣ ଭାବେ ବାହ୍ୟ ଜଗତରୁ ବିଛିନ୍ନ ହୋଇଯାଇଛି। ତାହାସହ ଆଖଣ୍ଡଳମଣି-ଯାଜପୁର ୨୦ନଂ ଜାତୀୟ ରାଜପଥର ବୋଡକ ଓ ସାଠିବାଙ୍କୁଡା ନିକଟରେ ପ୍ରାୟ ଦେଢକିମି ରାସ୍ତାରେ ବନ୍ୟାଜଳ ୨/୩ ଫୁଟ୍ ଉଚ୍ଚରେ ପ୍ରବାହିତ ହେଉଥିବାରୁ ଉଭୟ ପର୍ଯ୍ୟଟନସ୍ଥଳ ସହ କଟକ, ଭୁବନେଶ୍ୱର, ପୁରୀ ଆଦି ସ୍ଥାନକୁ ଯାତାୟତ ଠପ୍ ହୋଇଯାଇଛି। ଏପରିକି ଆରଡିପୀଠର ଆଖଣ୍ଡଳମଣିଙ୍କ ଦର୍ଶନ ପାଇଁ ଆସିଥିବା ଶତାଧିକ ଯାତ୍ରୀ ପୀଠକୁ ନଆସି ଫେରି ଯାଇଥିଲେ। ଏଥିସହ ଉଭୟ ପାର୍ଶ୍ୱରେ ବହୁ ଗାଡି ଅଟକି ରହିଥିଲା। ସେହିପରି ଆରଡି-ମତୋ ଓ ଚାନ୍ଦବାଲି ରାସ୍ତାର ବିଭିନ୍ନ ଘୋଷରାରେ ୩/୪ଫୁଟ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ୮/୧୦ଖଣ୍ଡ ଗାଁ ବିଛିନ୍ନ ହୋଇଯାଇଥିବା ବେଳେ ଯାତାୟତ ଠପ୍ ହୋଇଯାଇଛି। ଫଳରେ ବିଭିନ୍ନ କାମ ପାଇଁ ଲୋକମାନେ ଦେଶି ଡଙ୍ଗା ଓ ଭେଳା ଦ୍ୱାରା ଯାତାୟତ କରୁଛନ୍ତି। ଶନିବାର ବୈତରଣୀ ନଦୀର ତଳମୁଣ୍ଡରେ ଜଳସ୍ତର ଏପରି ବୃଦ୍ଧି ପାଇଥିଲା ଯେ ଭୟରେ ଛାତ୍ରଛାତ୍ରୀମାନେ ସ୍କୁଲ୍ କଲେଜ ଯାଇନଥିଲେ। ଅପରାହ୍ଣ ସୁଧା ବୈତରଣୀ ନଦୀର ଜଳସ୍ତର ବୃଦ୍ଧି ପାଇବା ଦ୍ୱାରା ସଂଧ୍ୟା ସୁଧା ବିଭିନ ଗାଁକୁ ବନ୍ୟାଜଳ ପ୍ରବେଶ କରିବ ବୋଲି ସ୍ଥାନୀୟ ଲୋକ ପ୍ରକାଶ କରିଛନ୍ତି। ବିଶେଷକରି ବୈତରଣୀ ନଦୀର ପ୍ରାୟ ୨/୩ଟି ସ୍ଥାନରେ ନଦୀବନ୍ଧ ଅତନ୍ତ୍ୟ ଦୁର୍ବଳ ଥିବାରୁ ୨ଦିନ ହେଲା ନଇକୂଳିଆ ଲୋକମାନେ ରାତ୍ର ଉଜାଗର ରହି ନଦୀବନ୍ଧ ଜଗି ବସିଛନ୍ତି। ଅନ୍ୟପଟେ ଏହି ୪ଟି ପଂଚାୟତର **(ପୃଷ୍ଠା-୭)**

ରାଜ୍ୟରେ ବନ୍ୟା ପରିସ୍ଥିତି ନାହିଁ : ଏସଆରସି

ଭୁବନେଶ୍ୱର, ୮।୯ (ସକାଳ ଖବର): ରାଜ୍ୟରେ ବର୍ତମାନ ବନ୍ୟା ପରିସ୍ଥିତି ନାହିଁ । ଚାନ୍ଦବାଲିରେ ଜଳସ୍ତର ବଢୁଛି । ଆରଡ଼ି ଲୁଣା ବନ୍ଧ ଟପି ୨ ଫୁଟର ପାଣି ପ୍ରବାହିତ ହେଉଛି ।୨୪ଘଂଟାରେ ବର୍ଷା କମିଥିବାରୁ ଆଖୁଆପଦାରେ ଜଳସ୍ତର ୧୮ .୪୧ ମିଟର ରହିଛି । ୧୯ ମିଟର ଟପିଲେ ବନ୍ୟା ଆଶଙ୍କା ରହିଛି । ଆନନ୍ଦପୁର, ଘସିପୁରା, ହାଟଡିହି, କୋରେଇ, ଯାଜପୁର, ଆଳି, ରାଜକନିକାରେ ଓଡ୍ରାଫ ଓ ଏନଡିଆରଏଫ ମୁତୟନ ଅଛନ୍ତି ବୋଲି ସ୍ୱତନ୍ତ୍ର ରିଲିଫ୍ କମିଶନର ବିଷ୍ଣୁପଦ ସେଠୀ କହିଛନ୍ତି। ସେହିପରି ବୈତରଣୀ ନଦୀରେ ମଧ୍ୟ ବିପଦ ନାହିଁ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ନଦୀରେ ଜଳସ୍ତର ବୃଦ୍ଧି ପାଇବା ପରେଜଳସମ୍ପଦ ବିଭାଗ ପକ୍ଷରୁ ୪ଟି ଜିଲ୍ଲା ଭଦ୍ରକ, କେନ୍ଦୁଝର, ଯାଜପୁର ଓ କେନ୍ଦ୍ରପଡା କୁ ସତର୍କ କରାଇଛି । ଏହି ଜିଲ୍ଲାର ଜିଲ୍ଲାପାଳଙ୍କୁ ପରିସ୍ଥିତି ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ।ବନ୍ୟାରେ ଏହି ଜିଲ୍ଲାଗୁଡିକର ୧୪ଟି ବ୍ଲକ ପ୍ରଭାବିତ ହେବା ଆଶଙ୍କା ରହିଛି । ସଂପୃକ୍ତ ଅଂଚଳର **(ପୃଷ୍ଠା-୭)**



କାହାପ୍ରତି ଈର୍ଷା, ଦ୍ୱେଷ ଏବଂ ପ୍ରତିଶୋଧ ଭାବ ରଖନ୍ତୁ ନାହିଁ । ଭଗବାନ ସ୍ୱୟଂ ତୁମକୁ ରକ୍ଷା କରିବେ ।

ହୁଣ୍ଡିର ଆୟ (୨୫.୮.୧୮)
୨,୪୨,୪୧୪

ଆମେରିକାକୁ ନିଜର ଶକ୍ତି ଦେଖାଇବ ଋଷ

ଆରମ୍ଭ କରିବ ସବୁଠୁ ବଡ଼ ଯୁଦ୍ଧାଭ୍ୟାସ

- ସାମିଲ ହେବେ ୩ଲକ୍ଷ ସୈନିକ ଓ ୧ ହଜାର ଯୁଦ୍ଧ ବିମାନ
- ପଶ୍ଚିମ ଲୋକତନ୍ତ୍ରକୁ ବିପଦ ବୋଲି କହିଲା ନାଟୋ
- ଶୀତଳ ଯୁଦ୍ଧ ଆଡ଼କୁ ମୁହାଁଉଛି ବିଶ୍ୱ : ସଂଯୁକ୍ତ ରାଷ୍ଟ୍ର

କେତେବେଳେ ବି ନେଇପାରେ ବିସ୍ଫୋରକ ରୂପ

ମସ୍କୋ, ୮।୯ :ଧିରେ ଧିରେ ଆମେରିକା ଓ ଋଷ ମଧ୍ୟରେ ତିକ୍ତତା ବୃଦ୍ଧି ପାଉଛି । ସମଗ୍ର ବିଶ୍ୱରେ ମହାଶକ୍ତି ଭାବେ ପରିଚିତ ଋଷ ନିଜର ଶକ୍ତି ପ୍ରଦର୍ଶନ ପାଇଁ ଏ ପର୍ଯ୍ୟନ୍ତ ସବୁଠୁ ବଡ଼ ଯୁଦ୍ଧାଭ୍ୟାସ ଆରମ୍ଭ କରିଛି । ସେପ୍ଟେମ୍ବର ୧୧ରୁ ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ଏହି ଯୁଦ୍ଧାଭ୍ୟାସ ଆରମ୍ଭ ହେବ । ୧୯୮୦ ମସିହା ପରେ ଏହି ଯୁଦ୍ଧାଭାସ ସବୁଠୁ ବଡ଼ ଥିବା କୁହାଯାଉଛି । ଏଥିରେ ପାଖାପାଖି ୩ଲକ୍ଷ ସୈନିକ ଓ ୧ହଜାର ଯୁଦ୍ଧ ବିମାନ ଅଂଶଗ୍ରହଣ କରୁଛନ୍ତି । ଏଥିପାଇଁ ଏହାକୁ ଶୀତଳ ଯୁଦ୍ଧ ପରଠାରୁ ସବୁଠୁ ବଡ଼ ବୋଲି କୁହାଯାଉଛି । ଏଥିରେ ଚୀନ୍ ଓ ମଙ୍ଗୋଲିଆ ଭଳି ଦେଶ ବି ଅଂଶଗ୍ରହଣ କରୁଛନ୍ତି । କିନ୍ତୁ ଏଭଳି ଯୁଦ୍ଧାଭ୍ୟାସକୁ ୟୁରୋପୀୟ ଦେଶ ସମେତ ନାଟୋ ସଦସ୍ୟଭୁକ୍ତ ରାଷ୍ଟ୍ର ସହଜରେ ଗ୍ରହଣ କରିପାରିନାହାନ୍ତି । ସେମାନେ ଏଥିରେ ଅସନ୍ତୋଷ ବ୍ୟକ୍ତ କରିବା ସହ ନାଟୋକୁ ଲକ୍ଷ୍ୟ ରଖି ଏଭଳି କରାଯାଉଥିବା ଅଭିଯୋଗ କରିଛନ୍ତି । ଏହି ଯୁଦ୍ଧାଭ୍ୟାସ ପଶ୍ଚିମ ଲୋକତନ୍ତ୍ର ପାଇଁ ବିପଦ ବୋଲି ନାଟୋ ଅଭିହିତ କରିଛି । ସଂପ୍ରତି ଋଷ ଓ ଆମେରିକା ମଧ୍ୟରେ ଦିନକୁ ଦିନ ବୃଦ୍ଧି ପାଉଥିବା ଅସନ୍ତୋଷ ଶୀତଳ ଯୁଦ୍ଧ ଆଡ଼କୁ ମୁହାଁଉଛି ବୋଲି ସଂଯୁକ୍ତ ରାଷ୍ଟ୍ର ପ୍ରମୁଖ ନିଜ ବକ୍ତବ୍ୟରେ କହିଛନ୍ତି । କିଛିଦିନ ପୂର୍ବରୁ ଆମେରିକା ପକ୍ଷରୁ ଋଷର ୬୦ଜଣ ରାଷ୍ଟ୍ରଦୂତଙ୍କୁ ଆମେରିକାରୁ ବହିଷ୍କାର କରାଯାଇଥିଲା । ବିଶେଷଜ୍ଞଙ୍କ କହିବାନୁଯାୟୀ ଋଷ ଦ୍ୱାରା ଆରମ୍ଭ ଆରମ୍ଭ ହେବାକୁ ଥିବା ଏହି ଯୁଦ୍ଧାଭ୍ୟାସ ଆମେରିକାକୁ ନିଜର ଶକ୍ତି ଦେଖାଇବା ପାଇଁ କରାଯାଉଛି । କାରଣ ବର୍ତ୍ତମାନ ସିରିଆରେ ଚାଲିଥିବା ଗୃହଯୁଦ୍ଧକୁ ନେଇ ଉଭୟ ଆମେରିକା ଓ ଋଷ ମୁହାଁମୁହିଁ ସ୍ଥିତିରେ ଅଛନ୍ତି । ଏହି ଯୁଦ୍ଧାଭ୍ୟାସରେ ଚୀନ୍‌କୁ ସାମିଲ କରି ଋଷ ଓ ଚୀନ୍‌ଙ୍କ ମିଳିତ ଶକ୍ତି ଯେ କେତେ ଶକ୍ତିଶାଳୀ ତାହା ଆମେରିକାକୁ ଅବଗତ କରାଇବ । ଆମେକେତେବେଳେ ଓ କେଉଁସମୟରେ ଏହା ବିଶ୍ୱଯୁଦ୍ଧର ରୂପ ନେଇପାରେ ବୋଲି ଆଶଙ୍କା କରାଯାଉଛି ।

Printed by Amit Kumar Mallick, Published by Amit Kumar Mallick & Owned by Amit Kumar Mallick, At-Apartibindha, Bhadrak, Pin-756100, Printed at Press Mahesh Printing Press, 30 Industrial Colony, Kharavela Nagar, Bhubaneswar, Pin-751001, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick